## ପୋଲିସ କମିଶନରେଟ,

## ଭୁବନେଶ୍ୱର – କଟକ, ଭୁବନେଶ୍ୱର ।

**ଭୁବନେଶ୍ୱରରେ ୦୧.୧୨.୨୦୧୭ ଠାରୁ ୧୦.୧୨.୨୦୧୭ ପର୍ଯ୍ୟନ୍ତ ଓଡିଶା ପୁରୁଷ ହକି ବିଶ୍ୱ ଲିଗ୍ - ୨୦୧୭ ଅନୁଷ୍ଠିତ ହେବ ଏବଂ ଏହି ଦିନ ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଉପଦେଶନାମା ।**

---

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ୦୧.୧୨.୨୦୧୭ ଠାରୁ ୧୦.୧୨.୨୦୧୭ ପର୍ଯ୍ୟନ୍ତ ଓଡିଶା ପୁରୁଷ ହକି ବିଶ୍ୱ ଲିଗ୍ ୨୦୧୭ ଫାଇନାଲ ନିମ୍ନଲିଖିତ ସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| ତାରିଖ | ଖେଳ କ୍ରମିକ ନଂ. | ସମୟ | ପୁଲ୍ | ଖେଳ |
|---|---|---|---|---|
| ୦୧.୧୨.୧୭ (ଶୁକ୍ରବାର) | ୦୧ | ୧୬.୪୫ | ବି | ଜର୍ମାନୀ ବନାମ ଇଂଲଣ୍ଡ |
| | ୦୨ | ୧୯.୩୦ | ବି | ଅଷ୍ଟ୍ରେଲିଆ ବନାମ ଭାରତ |
| ୦୨.୧୨.୧୭ (ଶନିବାର) | ୦୩ | ୧୨.୦୦ | ଏ | ଆର୍ଜେଟିଂନା ବନାମ ବେଲଜିୟମ |
| | ୦୪ | ୧୪.୦୦ | ଏ | ନେଦରଲ୍ୟାଣ୍ଡ ବନାମ ସ୍ପେନ |
| | ୦୫ | ୧୭.୩୦ | ବି | ଜର୍ମାନୀ ବନାମ ଅଷ୍ଟ୍ରେଲିଆ |
| | ୦୬ | ୧୯.୩୦ | ବି | ଭାରତ ବନାମ ଇଂଲଣ୍ଡ |
| ୦୩.୧୨.୧୭ (ରବିବାର) | ୦୭ | ୧୭.୩୦ | ଏ | ବେଲଜିୟମ ବନାମ ସ୍ପେନ |
| | ୦୮ | ୧୯.୩୦ | ଏ | ନେଦରଲ୍ୟାଣ୍ଡ ବନାମ ଆର୍ଜେଟିଂନା |
| ୦୪.୧୨.୨୦୧୭ (ସୋମବାର) | ୦୯ | ୧୭.୩୦ | ବି | ଅଷ୍ଟ୍ରେଲିଆ.ବନାମ ଇଂଲଣ୍ଡ |
| | ୧୦ | ୧୯.୩୦ | ବି | ଭାରତ ବନାମ ଜର୍ମାନୀ |
| ୦୫.୧୨.୧୭ (ମଙ୍ଗଳବାର) | ୧୧ | ୧୭.୩୦ | ଏ | ଆର୍ଜେଟିଂନା ବନାମ ସ୍ପେନ |
| | ୧୨ | ୧୯.୩୦ | ଏ | ବେଲଜିୟମ ବନାମ ନେଦରଲ୍ୟାଣ୍ଡ |
| ୦୬.୧୨.୧୭ (ବୁଧବାର) | | ୧୭.୧୫ | କ୍ୱାର୍ଟର ଫାଇନାଲ-୧ | |
| | | ୧୯.୩୦ | କ୍ୱାର୍ଟର ଫାଇନାଲ-୧ | |
| ୦୭.୧୨.୧୭ (ଗୁରୁବାର) | | ୧୭.୧୫ | କ୍ୱାର୍ଟର ଫାଇନାଲ-୧ | |
| | | ୧୯.୩୦ | କ୍ୱାର୍ଟର ଫାଇନାଲ-୧ | |
| ୦୮.୧୨.୧୭ (ଶୁକ୍ରବାର) | | ୧୭.୧୫ | ହାରିଥିବା କ୍ୱାର୍ଟର ଫାଇନାଲିଷ୍ଟ ଖେଳ-୨ | |
| | | ୧୯.୩୦ | ସେମି ଫାଇନାଲ-୨ | |
| ୦୯.୧୨.୧୭ (ଶନିବାର) | | ୧୭.୧୫ | ହାରିଥିବା କ୍ୱାର୍ଟର ଫାଇନାଲିଷ୍ଟ ଖେଳ-୨ | |
| | | ୧୯.୩୦ | ସେମି ଫାଇନାଲ-୨ | |
| ୧୦.୧୨.୧୭ (ରବିବାର) | ୨୧ | ୧୭.୧୫ | ବ୍ରୋଞ୍ଜ | |
| | ୨୨ | ୧୯.୩୦ | ଫାଇନାଲ | |

ଏହି ଖେଳ ସକାଶେ ବହୁ ସଂଖ୍ୟାରେ ଲୋକ ଏବଂ ଗାଡି ମୋଟର କଳିଙ୍ଗ ଷ୍ଟାଡିୟମ ଆଡକୁ ଆସିବେ ଏବଂ ବିଶେଷତଃ ୧, ୨, ୪ ଏବଂ ୧୦.୧୨.୧୭ ଦିନ ମାନଙ୍କରେ ଅଧିକ ସଂଖ୍ୟାରେ ଗାଡି ମୋଟର ଏବଂ ଜନ ସମାଗମ ଆଶା କରାଯାଏ । ଲୋକମାନଙ୍କର ସୁବିଧା ପାଇଁ ଏବଂ ଯାନବାହାନ ଗୁଡିକର ଯାତାୟତକୁ ସୁନିୟନ୍ତ୍ରଣ କରିବା ପାଇଁ ନିମ୍ନ ଲିଖିତ ଉପଦେଶନାମା ଜାରି କରାଯାଉଅଛି ।

ଯାନବାହାନ ପାସ୍ ନଥିବା କୌଣସି ଯାନ କଳିଙ୍ଗ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ଯାନବାହାନ ପାସ ଥିବା ଯାନଗୁଡିକ ନିମ୍ନମତେ କଳିଙ୍ଗ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିପାରିବେ ।

| | | |
|---|---|---|
| କ) | ପାସ ଥିବା ସେବା ପ୍ରଦାନକାରୀ ଯାନ | ଦ୍ୱାର ନଂ-୨ |
| ଖ) | ପାସ ଥିବା ଗଣମାଧ୍ୟମ ଯାନ | ଦ୍ୱାର ନଂ-୯ |
| ଗ) | ବ୍ୟକ୍ତି ବିଶେଷଙ୍କ ପାସ ସହିତ ଯାନ ପାସ | ଦ୍ୱାର ନଂ-୯ |

୧. ଯାନବାହାନ ପାର୍କିଙ୍ଗ –

ଯାନବାହାନ ଗୁଡିକ ନିମ୍ନଲିଖିତ ସ୍ଥାନରେ ପାର୍କିଙ୍ଗ କରିପାରିବେ ।

| | | |
|---|---|---|
| କ) | ବେହେରା ସାହି ପାର୍କିଙ୍ଗ (ଦ୍ୱାର ନଂ-୧ ସନ୍ନିକଟ) | କେବଳ ଦୁଇ ଚକିଆ ଯାନ |
| ଖ) | ଭୁବନେଶ୍ୱର ସ୍ଥିତ ଆଂଚଳିକ ଶିକ୍ଷାନୁଷ୍ଠାନ ପଡିଆ | ସବୁ ପ୍ରକାରର ଯାନ |
| ଗ) | ନୟାପଲ୍ଲୀ ରାବଣ ପୋଡି ପଡିଆ | ସବୁ ପ୍ରକାରର ଯାନ |
| ଘ) | ନିକୋପାର୍କ ରୋଡ | ସବୁ ପ୍ରକାରର ଯାନ |
| ଙ) | ରିଜର୍ଭ ପୋଲିସ ପଡିଆ | ଦୁଇ ଚକିଆ ଯାନ ଏବଂ ଚାରି ଚକିଆ ଲଘୁ ଯାନ |

୨. ପାସ ବା ଟିକଟ ଧାରୀ ବ୍ୟକ୍ତିମାନଙ୍କ ପାଇଁ ସୂଚନା –

କ) ନନ୍ଦନକାନନ ପଟୁ ଗାଡି ମୋଟରରେ ପାସ ବା ଟିକଟ ଧାରି ବ୍ୟକ୍ତି ସେମାନଙ୍କର ଗାଡି ମୋଟର ବେହେରା ସାହି ପାର୍କିଙ୍ଗ ସ୍ଥଳରେ ଦୁଇ ଚକିଆ ଯାନ ବା ନିକୋ ପାର୍କ ସାମ୍ନା ରାସ୍ତାରେ ସବୁ ପ୍ରକାରର ଯାନ ରଖି ପାଦରେ ଯାଇ ନିର୍ଦ୍ଧିଷ୍ଟ ଦ୍ୱାରରେ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।

ଖ) ଖଣ୍ଡଗିରି ପଟୁ ବା ଜାତୀୟ ରାଜପଥ -୧୬ ରେ କଟକ ପଟୁ ଗାଡି ମୋଟରରେ ଆସୁଥିବା ପାସ ବା ଟିକଟ ଧାରୀ ବ୍ୟକ୍ତି ଭୁବନେଶ୍ୱର ସ୍ଥିତ ଆଂଚଳିକ ଶିକ୍ଷାନୁଷ୍ଠାନ ପଡିଆରେ ଗାଡି ମୋଟର ରଖି ବା ଆଚାର୍ଯ୍ୟ ବିହାର ଦେଇ ନିକୋପାର୍କ ରାସ୍ତାରେ ଗାଡି ମୋଟର ରଖି ପାଦରେ ଯାଇ ନିର୍ଦ୍ଧିଷ୍ଟ ଦ୍ୱାରରେ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।

ଗ) ରାଜଭବନ ପଟୁ ଗାଡି ମୋଟରରେ ଆସୁଥିବା ପାସ ବା ଟିକଟ ଧାରି ବ୍ୟକ୍ତି ବେହେରା ସାହି ପାର୍କିଙ୍ଗ ସ୍ଥଳରେ ଦୁଇ ଚକିଆ ଯାନ ବା ନିକୋ ପାର୍କ ସାମ୍ନା ରାସ୍ତାରେ ସବୁ ପ୍ରକାରର ଯାନ ରଖି ପାଦରେ ଯାଇ ନିର୍ଦ୍ଧିଷ୍ଟ ଦ୍ୱାରରେ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।

ଘ) ଜାତୀୟ ରାଜପଥ -୧୬ ରେ ସି.ଆର.ପି. ଛକ ପଟୁ ଆସୁଥିବା ଗାଡି ମୋଟରରେ ପାସ ବା ଟିକଟ ଧାରି ବ୍ୟକ୍ତି ବିଶେଷ ସେମାନଙ୍କର ଗାଡି ମୋଟର ନୟାପଲ୍ଲୀ ରାବଣ ପୋଡି ପଡିଆରେ ପାର୍କିଙ୍ଗ କରି ପାଦରେ ଯାଇ ନିର୍ଦ୍ଧିଷ୍ଟ ଦ୍ୱାରରେ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।

ଙ) ଯାନ ବାହାନ ପାସ ଥାଇ ନିମନ୍ତ୍ରିତ ଅତିଥି ଯେକୌଣସି ଦିଗରୁ ଆସି ଜାତୀୟ ରାଜପଥ -୧୬ କୁ ଯାଇ ଦ୍ୱାର ନଂ-୯ ଦେଇ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।

୩. ସାଧାରଣ ସୂଚନା –

କ) ବିନା ପାସ, ଟିକଟ ବା ଆକ୍ରେଡିସନ କାର୍ଡ ବିନା କୌଣସି ବ୍ୟକ୍ତି କଳିଙ୍ଗ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ ।

ଖ) ଉପର ଲିଖିତ କାର୍ଡ, ପାସ ବା ଟିକଟ ଯାଂଚ କଲାପରେ ଉକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ଦ୍ୱାରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ।

ଗ) ବିନା ପାସରେ କୌଣସି ଗାଡି କଳିଙ୍ଗ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ।

ଘ) ପାସ ବା ଟିକଟ ଧାରି ବ୍ୟକ୍ତିଙ୍କୁ କୌଣସି ଜିନିଷ ପତ୍ର କିମ୍ବା କୌଣସି ଆପତି ଜନକ ପଦାର୍ଥ ଯଥା - ଦିଆସିଲି, ପାଣି ବୋତଲ, କାଟିବା ଯନ୍ତ୍ର ଇତ୍ୟାଦି ସାଙ୍ଗରେ ଧରି କଳିଙ୍ଗ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ।

ଙ) ଆକ୍ରେଡିସନ କାର୍ଡ ବା ପାସ ବା ଟିକଟ ଧାରି ବ୍ୟକ୍ତିମାନେ ସୁବିଧାରେ ଯାଂଚ ଏବଂ ଚିହ୍ନଟ ସକାଶେ ସେମାନଙ୍କର ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଇତ୍ୟାଦି ଆଣିଥିବା ଉଚିତ ।

ଚ) ପାସ ନଥିବା ଗାଡି ମୋଟର ଗୁଡିକୁ କଳିଙ୍ଗ ଷ୍ଟାଡିୟମ ମଧ୍ୟରେ ପାର୍କିଙ୍ଗ କରିବା ପାଇଁ ଅନୁମତି ଦିଆଯିବ ନାହିଁ ।

ଯୋଗେଶ ବାହାଦୂର

(ଯୋଗେଶ୍ ବାହାଦୂର ଖୁରାନିଆ),
ପୋଲିସ୍ କମିଶନର
ଭୁବନେଶ୍ୱର – କଟକ ।